ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 944/27-12-2020**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୨୭ ଡିସେମ୍ବର,୨୦୨୦**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବନୀ ପଟ୍ଟନାୟକ ଇକୋ ରିଟ୍ରିଟ୍ ଓଡ଼ିଶାରେ ସୁରମ୍ୟ ସାତକୋଶିଆର ଆକର୍ଷଣୀୟ ସୌନ୍ଦର୍ଯ୍ୟର ଉପଭୋଗ ନେବାରେ ସମସ୍ତଙ୍କୁ ସ୍ୱାଗତ କରିଛନ୍ତି । ବିଶାଳକାୟ ପର୍ବତଶ୍ରେଣୀ ମଧ୍ୟରେ ଲୁକ୍କାୟିତ ଓ ମହାନଦୀର ପଠାରେ ଅବସ୍ଥିତ ସାତକୋଶିଆର ଭବ୍ୟଦୃଶ୍ୟ ସମସ୍ତଙ୍କୁ ପ୍ରକୃତି ଭିତରେ ହଜାଇଦେବାର ମାର୍ଗ ଉନ୍ମୁକ୍ତ କରେ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶାର କିମ୍ବଦନ୍ତୀ କବି ହଳଧର ନାଗଙ୍କ କବିତାଗୁଡ଼ିକୁ ଗୁଲଜାର ସାହେବ ତାଙ୍କ ଅନୂଦିତ କବିତା ସଂକଳନ 'ଏ ପୋଏମ୍, ଏ ଡେ'ରେ ସ୍ଥାନିତ କରିଥିବାରୁ ତାଙ୍କୁ ଧନ୍ୟବାଦ ଦେଇଛନ୍ତି । କୋଶଳୀ ଭାଷାର କବି ଏବଂ ଭାଷାର ଉନ୍ନତି ପାଇଁ ତାଙ୍କ ଜୀବନବ୍ୟାପୀ ସାଧନା ପ୍ରତି ଏହା ଉପଯୁକ୍ତ ସମ୍ମାନ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଡିସେମ୍ବର ୨୬ ରୁ ୨୭ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ  ୨୨ ଜଣ ବ୍ୟକ୍ତିଙ୍କୁ ଗିରଫ, ୬୭୩ ଟି ଗାଡ଼ି ଜବତ ଏବଂ ୧୯,୫୭,୬୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**